DR Case No - 17/2022

# ତହସିଲ କାର୍ଯ୍ୟାଳୟ, ବଙ୍ଗୋମୁଣ୍ଡା

## ଘୋଷଣାନାମା

ପତ୍ର ସଂଖ୍ୟା 2392 ତା 26-12-2022

ଏତଦ୍ଵାରା ମୌଜା ବୋରବାହାଲ ଗ୍ରାମ ର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ, ଓଡିଶା ସରକାର ଙ୍କ ତରଫରୁ ବୋରବାହାଲ ଗ୍ରାମଠାରେ ଏକ ଓଭର ହେଡ ଟେଙ୍କ ନିର୍ମାଣ ସକାଶେ ନିମ୍ନ ବର୍ଣ୍ଣିତ ଜମିକୁ ଗୋଚର କିସମରୁ ପତିତ କିସମ କରି ବନ୍ଦୋବସ୍ତ କରିବା ସକାଶେ ସ୍ଥିର କରାଯାଇଅଛି । ଏଥି ସମ୍ବନ୍ଧରେ କାହାର କିଛି ଆପତ୍ତି ଓ ଅଭିଯୋଗ ଯଦି ଥାଏ, ଏହି ଘୋଷଣାନାମା ଜାରି ହେବାର 15(ପନ୍ଦର) ଦିନ ମଧ୍ୟରେ 20 ଟଙ୍କାର କୋର୍ଟ ଫିଜ ଲଗାଇ ନିମ୍ନ ସ୍ଵାକ୍ଷରକାରୀ ଙ୍କ କାର୍ଯ୍ୟାଳୟ ଠାରେ ଏକ ଲିଖିତ ଅଭିଯୋଗ ଦାଖଲ କରିପାରିବେ । ନିର୍ଦ୍ଧାରିତ ସମୟସୀମା ପରେ କୌଣସି ପ୍ରକାରର ଅଭିଯୋଗ କୁ ଗ୍ରହଣ କରାଯିବ ନାହିଁ ।

## ତଫସିଲ ଜମି

ମୌଜା- ବୋରବାହାଲ ଥାନା-ବଙ୍ଗୋମୁଣ୍ଡା ଥାନା ନଂ.30

| ଖତିୟାନ ନଂ | ପ୍ଲଟ ନଂ | କିସମ | ମୋଟ ରକବା | ମାର୍କ | ବନ୍ଦୋବସ୍ତ ରକବା |
|---|---|---|---|---|---|
| 102ରକ୍ଷିତ) | 342 | ଗୋଚର | ଏ.12.72 ଡି | “A” | ଏ.0.50 ଡି |

ତହସିଲଦାର, ବଙ୍ଗୋମୁଣ୍ଡା
26/12/2022.

ପରିପତ୍ର ସଂଖ୍ୟା 2393 ତାରିଖ 26-12-2022

ଏହାର ଏକକିତା ନକଲ ଜିଲ୍ଲା ୱେବ୍ ସାଇଟ୍ ରେ ପ୍ରକାଶନ ପାଇଁ District Informatic Officer, NIC, Balangir ଙ୍କୁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଗ୍ରାମର କେନ୍ଦ୍ର ସ୍ଥଳରେ ଲଗାଇବା ପାଇଁ ଓ ଶବ୍ଦବାଜୀ ଯନ୍ତ୍ର ମାଧ୍ୟମରେ ପ୍ରଚାର ପ୍ରସାର କରିବା ପାଇଁ ରାଜସ୍ଵ ନିରିକ୍ଷକ ତୁଲିଫୁଙ୍କା ଙ୍କୁ ଆଦେଶ ଦିଆଗଲା ।

ଏହାର ଏକକିତା ନକଲ ସରପଞ୍ଚ, ବୋରବାହାଲ ଗ୍ରା.ପ. ଙ୍କୁ ବହୁଳ ପ୍ରଚାର ଓ ପ୍ରସାର ପାଇଁ ପ୍ରେରଣ କରାଗଲା ।

ତହସିଲଦାର, ବଙ୍ଗୋମୁଣ୍ଡା
26/12/2022.